# REGIONAL NEWS UNIT, AIR CUTTACK

## Evening Bulletin (6.45PM)

### 31 March - 2026

*********************************

## ମୁଖ୍ୟ ସମ୍ବାଦ

- ବିଧାନସଭାରେ ୨୦୨୬-୨୭ ଆର୍ଥିକବର୍ଷର ବ୍ୟୟମଞ୍ଜୁରୀ ବିଧେୟକ ଉପରେ ଜାରି ରହିଛି ଆଲୋଚନା
- ୨୦୨୪-୨୫ ଆର୍ଥିକବର୍ଷରେ ରାଜ୍ୟର ଅର୍ଥନୈତିକ ଅଭିବୃଦ୍ଧି ୧୧ ଦଶମିକ ୪/୦ ପ୍ରତିଶତ ରହିଥିବା ସିଏଜି ରିପୋର୍ଟରେ ଉଲ୍ଲେଖ
- ଦେଶବ୍ୟାପୀ ଆସନ୍ତାକାଲିଠାରୁ ଆରମ୍ଭ ହେବ ଜନଗଣନା

— ପ୍ରଥମ ପର୍ଯ୍ୟାୟରେ ସ୍ୱଜନଗଣନାରେ ରହିଛି ୩୩ଟି ପ୍ରଶ୍ନ

- ଦେଶକୁ ସମ୍ପୂର୍ଣ୍ଣ ମାଓବାଦୀମୁକ୍ତ କରିବା ଅଭିଯାନର ଆଜି ସରୁଛି ସମୟସୀମା

ଏବଂ

- କାଳବୈଶାଖୀ ପ୍ରଭାବରେ ବଜ୍ରପାତ ସହିତ ବର୍ଷା ହେବା ନେଇ ୪ଟି ଜିଲ୍ଲାକୁ ପାଣିପାଗ କେନ୍ଦ୍ରର ସତର୍କ ସୂଚନା

## ବିଧାନସଭା-୧

ବିଧାନସଭା ବଜେଟ୍ ଅଧିବେଶନରେ ଆଜି ୨୦୨୬-୨୭ ଆର୍ଥିକବର୍ଷ ପାଇଁ ବ୍ୟୟ ମଞ୍ଜୁରୀ ବିଧେୟକ ଉପରେ ଆଲୋଚନା ଜାରି ରହିଛି। ପ୍ରଥମାର୍ଦ୍ଧରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗୃହରେ ବିଧେୟକକୁ ଉପସ୍ଥାପନ କରିଥିଲେ। ବିଧେୟକ ଉପରେ ବିରୋଧୀ ଦଳ ପକ୍ଷରୁ ସଦସ୍ୟ ରଣେନ୍ଦ୍ର ପ୍ରତାପ ସ୍ୱାଇଁ, ରାମଚନ୍ଦ୍ର କାଡାମ, ଅରୁଣ ସାହୁ, ତାରାପ୍ରସାଦ ବାହିନୀପତି, ନିରଞ୍ଜନ ପୂଜାରୀ, ଧ୍ରୁବଚରଣ ସାହୁ ପ୍ରମୁଖ ବକ୍ତବ୍ୟ ରଖିଛନ୍ତି। ଶାସକ ଦଳ ପକ୍ଷରୁ ଟଙ୍କଧର ତ୍ରିପାଠୀ, ସନ୍ତୋଷ ଖଟୁଆ, ଈରାଶୀଷ ଆଚାର୍ଯ୍ୟ ପ୍ରମୁଖ ଆଲୋଚନାରେ ଭାଗ ନେଇଥିଲେ। ଆଲୋଚନା ଶେଷରେ ମୁଖ୍ୟମନ୍ତ୍ରୀ ଉତ୍ତର ରଖିବା ପରେ ଗୃହରେ ବିଧାୟକ ପାରିତ ହେବ ବୋଲି ଜଣାପଡିଛି।

## ବିଧାନସଭା-ସିଏଜି

ଭାରତର ମହାଲେଖା ନିୟନ୍ତ୍ରକ ତଥା ମହାସମୀକ୍ଷକ-ସିଏଜିଙ୍କ  ରିପୋର୍ଟ ଆଜି ବିଧାନସଭାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଉପସ୍ଥାପନ କରିଛନ୍ତି। ୨୦୨୪-୨୫ ଆର୍ଥିକବର୍ଷରେ ରାଜ୍ୟର ଅର୍ଥନୈତିକ ଅଭିବୃଦ୍ଧି ୧୧ ଦଶମିକ ୪/୦ ପ୍ରତିଶତ ରହିଛି। ରାଜ୍ୟର ଘରୋଇ ଉତ୍ପାଦ-ଜିଡିପି ୮ ଲକ୍ଷ ୯୦ ହଜାର ୩୮ କୋଟି ଟଙ୍କାରେ ପହଞ୍ଚିଛି। ଏହି ଆର୍ଥିକବର୍ଷରେ ୨୨ ହଜାର ୬୫୧ କୋଟି ଟଙ୍କା ରାଜସ୍ୱ ବଳକା ରହିବା ସହିତ ରାଜସ୍ୱ ସଂଗ୍ରହ ୨ ଦଶମିକ ୪/୩ ପ୍ରତିଶତ ବୃଦ୍ଧି ପାଇଛି। ୨୦୧୮ ରୁ ୨୦୨୩ ମସିହା ମଧ୍ୟରେ ସଡକ ସେତୁ ନିର୍ମାଣ କ୍ଷେତ୍ରରେ ୯୫୫ କୋଟି ଟଙ୍କା ଫେରିଛି। ଜଙ୍ଗଲ ଜମି ହସ୍ତାନ୍ତର ନେଇ ୨୧ କୋଟି କ୍ଷତିପୂରଣ ଆଦାୟ ହୋଇନାହିଁ

ବୋଲି  ରିପୋର୍ଟରେ ଉଲ୍ଲେଖ ରହିଛି। ମହିଳା ଶିଶୁ ବିକାଶ ବିଭାଗ ୩୮୧ କୋଟି ୪୧ ଲକ୍ଷ ଟଙ୍କା ଖର୍ଚ୍ଚ କରିପାରିନଥିବା ବେଳେ ମନରେଗାରେ ୪୧୯ କୋଟି ଟଙ୍କା ଅପବ୍ୟୟ ହୋଇଥିବା ରିପୋର୍ଟରେ ଦର୍ଶାଯାଇଛି।

## ଜନଗଣନା

ଦେଶବ୍ୟାପୀ ଆସନ୍ତାକାଲିଠାରୁ ଜନଗଣନା ଆରମ୍ଭ ହେବ। ପ୍ରଥମ ପର୍ଯ୍ୟାୟରେ ୧୫ ଦିନ ଧରି ସ୍ୱଗଣନା କରାଯିବ। ଏଥିରେ ୩୩ଟି ପ୍ରଶ୍ନ ଜରିଆରେ ଉତ୍ତର ରଖିବାର ବ୍ୟବସ୍ଥା ରହିଛି। ପ୍ରଥମ ଥର ପାଇଁ ଡିଜିଟାଲ ଜନଗଣନା ଦେଶରେ ଆରମ୍ଭ ହେଉଛି। ରାଜ୍ୟପାଳଙ୍କ ପାଖରୁ ଏହି ଜନଗଣନା ଆରମ୍ଭ ହେବ ବୋଲି ରାଜ୍ୟ ଜନଗଣନା ନିର୍ଦ୍ଦେଶକ ନିଖିଲ ପୱନ କଲ୍ୟାଣ ସୂଚନା ଦେଇଛନ୍ତି। ଜନଗଣନା ଆରଟିଆଇ ଆଇନ୍ ପରିସରଭୁକ୍ତ ହେବ ନାହିଁ।

## ଧର୍ମେନ୍ଦ୍ର ପ୍ରଧାନ

ସାମାଜିକ ସୁରକ୍ଷା ବ୍ୟବସ୍ଥାକୁ ଅଧିକ ସୁଦୃଢ଼ କରିବା ସହ ନୂଆ ହିତାଧିକାରୀଙ୍କୁ ଭତ୍ତା ପ୍ରଦାନ କରି ସରକାର ଅନ୍ତ୍ୟୋଦୟ ଲକ୍ଷ୍ୟ ପୂରଣ ଦିଗରେ ନିରନ୍ତର କାର୍ଯ୍ୟ କରୁଛନ୍ତି ବୋଲି କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି। ଅନୁଗୁଳ ଜିଲ୍ଲା ଆଠମଲ୍ଲିକ୍‌ଠାରେ ଆଜି ୨୦୪ କୋଟି ୩୨ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ବିଭିନ୍ନ ବିକାଶମୂଳକ ପ୍ରକଳ୍ପର ଉଦ୍‌ଘାଟନ ଓ ଶିଳାନ୍ୟାସ କରି ଶ୍ରୀ ପ୍ରଧାନ କହିଛନ୍ତି, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ 'ସବ୍‌କା ସାଥ୍‌-ସବ୍‌କା ବିକାଶ' ମନ୍ତ୍ରରେ ଶୁଭାରମ୍ଭ ହୋଇଥିବା ଏହି ସମସ୍ତ ପ୍ରକଳ୍ପ ଅଂଚଳର ପ୍ରଗତି

ପଥକୁ ପ୍ରଶସ୍ତ କରିବ। ଅଞ୍ଚଳର ସର୍ବାଙ୍ଗୀନ ବିକାଶ ପାଇଁ ଆଠମଲ୍ଲିକରେ କେନ୍ଦ୍ରୀୟ ବିଦ୍ୟାଳୟ ସୁବିଧା ସହିତ ସାତକୋଶିଆ ଅଞ୍ଚଳରେ ରାସ୍ତାଘାଟ ଓ ସେତୁ ନିର୍ମାଣ ପାଇଁ ବ୍ୟାପକ ପୁଞ୍ଜିନିବେଶ କରାଯାଉଛି। କୃଷି, କଳା ଓ ସଂସ୍କୃତିର ସୁରକ୍ଷା ସହିତ ମହିଳାଙ୍କୁ ଆର୍ଥିକ ସ୍ତରରେ ସଶକ୍ତ ଓ ସ୍ୱାବଲମ୍ବୀ କରିବା ପାଇଁ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ପ୍ରତିଶ୍ରୁତିବଦ୍ଧ ବୋଲି କେନ୍ଦ୍ରମନ୍ତ୍ରୀ କହିଛନ୍ତି।

ତାଳଚେରର ଅଧୀଷ୍ଠାତ୍ରୀ ଦେବୀ ମା’ ହିଙ୍ଗୁଳାଙ୍କ ପବିତ୍ର ନବଦିନାତ୍ମକ ଯାତ୍ରା ଅବସରରେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ମା’ଙ୍କ ପୂଜାର୍ଚ୍ଚନା କରିଛନ୍ତି। ଏହାସହିତ ପ୍ରଧାନମନ୍ତ୍ରୀଙ୍କ ସ୍ୱଚ୍ଛତା ହିଁ ସେବା ଆହ୍ୱାନକୁ ପାଥେୟ କରି ମା’ଙ୍କ ପୀଠରେ ସ୍ୱଚ୍ଛତା କାର୍ଯ୍ୟରେ ସାମିଲ ହୋଇଥିଲେ।

## ଏସ୍‌ଆଇଆର

ରାଜ୍ୟରେ ଆସନ୍ତାକାଲିଠାରୁ ଆରମ୍ଭ ହେବାକୁ ଥିବା ଭୋଟର ତାଲିକାର ସ୍ୱତନ୍ତ୍ର ସଘନ ସଂଶୋଧନ-ଏସ୍‌ଆଇଆରକୁ ସ୍ଥଗିତ ରଖାଯାଇଛି। ବିଭିନ୍ନ ରାଜ୍ୟର ବିଧାନସଭା ନିର୍ବାଚନକୁ ଦୃଷ୍ଟିରେ ରଖି ଏସ୍‌ଆଇଆରକୁ ସ୍ଥଗିତ ରଖାଯାଇଛି। ଆସନ୍ତାକାଲିଠାରୁ ଏସ୍‌ଆଇଆର ଆରମ୍ଭ ହେବା ନେଇ ଗତ ଛଅ ତାରିଖରେ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ଆର.ଏସ୍. ଗୋପାଳନ ସୂଚନା ଦେଇଥିଲେ। ରାଜ୍ୟରେ ବର୍ତ୍ତମାନସୁଦ୍ଧା ୯୦ ପ୍ରତିଶତ ମ୍ୟାପିଂ ଶେଷ ହୋଇଛି। ୨୦୦୨ ଏବଂ ୨୦୨୫ ଭୋଟର ତାଲିକା ଆଧାରରେ ଏହି ମ୍ୟାପିଂ କରାଯାଉଛି।

## ରାଜେନ୍ଦ୍ର ନାରାୟଣ ଜୟନ୍ତୀ

ମହାନ ଜନନାୟକ ତଥା ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ମହାରାଜା ରାଜେନ୍ଦ୍ର ନାରାୟଣ ସିଂହଦେଓଙ୍କୁ ଜୟନ୍ତୀ ଅବସରରେ ରାଜ୍ୟବାସୀ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଛନ୍ତି । ଜନସେବା କ୍ଷେତ୍ରରେ ତାଙ୍କର ଅମୂଲ୍ୟ ଅବଦାନ ପାଇଁ ସେ ସର୍ବଦା ସ୍ମରଣୀୟ ହୋଇ ରହିବେ । ଏହି ଅବସରରେ ଭୁବନେଶ୍ୱର ୧୨୦ ବାଟାଲିୟନ ଛକଠାରେ ମାଲ୍ୟାର୍ପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏଥିରେ ବିଧାନସଭାର ବାଚସ୍ପତି ସୁରମା ପାଢ଼ୀ, ଉପବାଚସ୍ପତି ଭବାନୀ ଶଙ୍କର ଭୋଇ, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏବଂ ଅନ୍ୟ ବିଧାୟକଗଣ ଉପସ୍ଥିତ ଥିଲେ ।

## ନକ୍ସଲମୁକ୍ତ ଓଡ଼ିଶା

କେନ୍ଦ୍ର ସରକାରଙ୍କ ପକ୍ଷରୁ ଦେଶକୁ ମାଓବାଦୀ ମୁକ୍ତ କରିବା ପାଇଁ ଘୋଷଣା କରାଯାଇଥିବା ଅବଧି ଆଜି ଶେଷ ହେଉଛି । ଭାରତବର୍ଷକୁ ସଂପୂର୍ଣ୍ଣ ନକ୍ସଲମୁକ୍ତ କରିବା ପାଇଁ ଚାଲିଥିବା ଅଭିଯାନ ସମ୍ପର୍କରେ ଶୁଣନ୍ତୁ ଏକ ସ୍ୱତନ୍ତ୍ର ରିପୋର୍ଟ.......

୨୦୧୪ ମସିହାରେ ଦେଶରେ ୧୨୬ଟି ନକ୍ସଲ ପ୍ରଭାବିତ ଜିଲ୍ଲା ରହିଥିଲା । ୨୦୨୬ ମସିହା ସୁଦ୍ଧା ଏହା ହ୍ରାସ ପାଇ ୨ରେ ପହଞ୍ଚିଛି । ଏପରିକି ଦେଶର ୩୫ଟି ଗୁରୁତର ନକ୍ସଲ ପ୍ରଭାବିତ ଜିଲ୍ଲା ଏବେ ସଂପୂର୍ଣ୍ଣ ଭାବେ ନକ୍ସଲମୁକ୍ତ ହୋଇଛି । ନକ୍ସଲ ସଂଗଠନର ସମସ୍ତ ୨୧ଟି କେନ୍ଦ୍ରୀୟ କମିଟି ଓ ପଲିଟି ବ୍ୟୁରୋର ସଂଖ୍ୟାଧିକ ସଦସ୍ୟ ଏହି ଅଭିଯାନରେ ନିହତ

ହୋଇଛନ୍ତି ଏବଂ ଅନ୍ୟମାନେ ପୁଲିସ୍ ନିକଟରେ ଆତ୍ମସମର୍ପଣ କରିଛନ୍ତି। ସହରୀ ନକ୍ସଲମାନଙ୍କ ବିରୋଧରେ ସରକାର ଶୂନ୍ୟ ସହନଶୀଳତା ନୀତି ଅନୁସରଣ କରି ସେମାନଙ୍କ ଛାମୁଆ ସଂଗଠନ ଓ ସହାୟକ ନେଟ୍‌ୱର୍କକୁ ସଂପୂର୍ଣ୍ଣ ରୂପେ ଧ୍ୱଂସ କରିଛନ୍ତି ବୋଲି କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ ସୂଚନା ଦେଇଛନ୍ତି। ଏହି ଅଭିଯାନରେ ଓଡ଼ିଶା ଆଜି ସୁଦ୍ଧା ସମ୍ପୂର୍ଣ୍ଣ ନକ୍ସଲମୁକ୍ତ ହୋଇଥିବା ନକ୍ସଲ ବିରୋଧୀ ଅଭିଯାନର ଏଡିଜି ସଞ୍ଜୀବ କୁମାର ପଣ୍ଡା କହିଛନ୍ତି। ବର୍ଷକ ମଧ୍ୟରେ ଓଡ଼ିଶା ପୁଲିସ୍ ନିକଟରେ ୭୮ ଜଣ ମାଓବାଦୀ ଆତ୍ମସମର୍ପଣ କରିଛନ୍ତି। ୪୨ ଜଣ ମାଓବାଦୀ ଛତିଶଗଡ଼ରେ ଆତ୍ମସମର୍ପଣ କରିଥିବାବେଳେ ୨୭ ଜଣଙ୍କୁ କମ୍ବିଂ ଅପରେସନ୍‌ରେ ନିହତ କରାଯାଇଛି। ଗୁଳିର ଜବାବ ଗୁଳି ଓ ସମସ୍ତଙ୍କ ଲାଗି ବିକାଶ ଆଭିମୁଖ୍ୟ ଆଧାରରେ ନକ୍ସଲ ପୀଡିତ ଅଂଚଳରେ ଆଜି ଆଇନର ଶାସନକୁ ସୁନିଶ୍ଚିତ କରାଯାଇଛି।

ଆକାଶବାଣୀ ସମ୍ବାଦ ବିଭାଗ ପାଇଁ ମୁଁ ସ୍ମୃତିରେଖା ତାରେଣିଆ

## ପ୍ରଭାତୀ ପରିଡା

ଖେଳକୁଦ ଶରୀରକୁ ସୁସ୍ଥ ରଖିବା ସହିତ ଏକତା ଓ ଶୃଙ୍ଖଳା ମନୋଭାବକୁ ମଜଭୁତ କରିଥାଏ ବୋଲି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା କହିଛନ୍ତି। ନିଆଳି ଐଶ୍ୱର୍ଯ୍ୟ ମଣ୍ଡପଠାରେ ଆୟୋଜିତ ପଣ୍ଡିତ ଦୀନଦୟାଲ ଉପାଧ୍ୟାୟ ପ୍ରଶିକ୍ଷଣ ମହାଅଭିଯାନ କାର୍ଯ୍ୟକ୍ରମରେ ଯୋଗଦେଇ ଉପମୁଖ୍ୟମନ୍ତ୍ରୀ କ୍ରୀଡା ପ୍ରତିଭାମାନଙ୍କୁ ଉତ୍ସାହିତ କରିଛନ୍ତି।

## ପ୍ରଶିକ୍ଷଣ ଶିବିର

**ନୂଆପଡା** ଜିଲ୍ଲା ସିନାପାଲ୍ଲୀ ବ୍ଲକ୍‌ର ବୋଟୋପାଲ୍ଲୀଠାରେ ସମଲେଇ ମଣ୍ଡଳ ଓ ସିନାପାଲ୍ଲୀଠାରେ ଉଦନ୍ତୀମଣ୍ଡଳ ପକ୍ଷରୁ ପଣ୍ଡିତ ଦୀନଦୟାଲ ଉପାଧ୍ୟାୟ ମହା ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ସାମ୍ପ୍ରତିକ ପରିସ୍ଥିତିରେ ନାଗରିକଙ୍କ ଭୂମିକା ସମ୍ପର୍କରେ ତାଲିମ ଦିଆଯାଇଥିଲା।

## ମହୁଚାଷ ପ୍ରଶିକ୍ଷଣ

**ନୟାଗଡ଼** ମହାନଦୀ ବନ୍ୟପ୍ରାଣୀ ବନଖଣ୍ଡ ଓ ନୟାଗଡ଼ ଉଦ୍ୟାନକୃଷି ବିଭାଗ ଆନୁକୂଲ୍ୟରେ ଗଣିଆ ବ୍ଲକ୍ ବଡମୂଳ ସାତକୋଶିଆ ସ୍ୟାଣ୍ଡ ରିସର୍ଟ ପରିସରରେ ଗତକାଲି ମହୁଚାଷ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ଉଦ୍ୟାନ କୃଷି ଅଧିକାରୀ ଲଳିତ କୁମାର ପଣ୍ଡା ଉଦ୍ୟାନ କୃଷି ବିଭାଗର ବିଭିନ୍ନ ସରକାରୀ ଯୋଜନା ସମ୍ପର୍କରେ ପ୍ରଶିକ୍ଷାର୍ଥୀଙ୍କୁ ବୁଝାଇଥିଲେ। ସହକାରୀ ବନସଂରକ୍ଷକ ଦେବୀପ୍ରସାଦ ରାଉତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ପ୍ରଶିକ୍ଷଣ ଶିବିରରେ ଛାମୁଣ୍ଡିଆ ବନଖଣ୍ଡ ଅଧିକାରୀ ପ୍ରଦୀପ କୁମାର ଭୂତିଆଙ୍କ ସମେତ ଶତାଧିକ ବନକର୍ମଚାରୀ, ସ୍ୱେଚ୍ଛାସେବୀ ଓ ଚାଷୀ ଯୋଗଦେଇଥିଲେ। ସାତକୋଶିଆକୁ ସ୍ୱତନ୍ତ୍ର ପରିଚୟ ଦେବାପାଇଁ ମହୁକୁ ଜିଆଇ ମାନ୍ୟତା ପ୍ରଦାନ ନିମନ୍ତେ ଉଦ୍ୟମ ଜାରି ରହିଛି ବୋଲି ଶ୍ରୀ ରାଉତ କହିଥିଲେ।

## ଦଣ୍ଡଯାତ୍ରା

**ନୟାଗଡ଼** ଜିଲ୍ଲାର ଆଠଟି ବ୍ଲକ୍‌ରେ ପ୍ରସିଦ୍ଧ ଦଣ୍ଡଯାତ୍ରା ଆରମ୍ଭ ହୋଇଛି । ମାନସିକଧାରୀ ଦଣ୍ଡୁଆମାନେ ଏକତ୍ର ହୋଇ ଗ୍ରାମ ପୋଖରୀଠାରେ ପାରମ୍ପରିକ ରୀତିନୀତିରେ ହୋମଯଜ୍ଞ ସହ ଷୋଡଶ ଉପଚାର ପୂଜାର୍ଚ୍ଚନାରେ ଦଣ୍ଡକାଳୀଙ୍କୁ ଆବାହନ କରିଥିଲେ । ପରେ ଠାକୁର ବିଭିନ୍ନ ଗ୍ରାମ ପରିକ୍ରମା କରିଥିଲେ ।

## କବିତା ପାଠୋତ୍ସବ

ଓଡ଼ିଶା ସାହିତ୍ୟ ଏକାଡେମୀ ଏବଂ ସାହିତ୍ୟ ଓ ସଂସ୍କୃତି ପରିଷଦ ପରମ୍ପରାର ମିଳିତ ଆନୁକୂଲ୍ୟରେ ନୟାଗଡ଼ କେସି କ୍ଲବଠାରେ ଏକଦିବସୀୟ ଆଲୋଚନାଚକ୍ର ଓ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଯାଇଛି । ଓଡ଼ିଶା ସାହିତ୍ୟ ଏକାଡେମୀର ସହସଚିବ ସଞ୍ଜୟ କୁମାର ଛୁଆଳସିଂ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ । ପାଠୋତ୍ସବରେ ୮୦ ରୁ ଅଧିକ କବି ଓ କବୟିତ୍ରୀ ସ୍ୱରଚିତ କବିତା ଆବୃତ୍ତି କରିଥିଲେ ।

## ଟ୍ରାନ୍ସଜେଣ୍ଡର ଦୃଶ୍ୟମାନତା

**ଦେବଗଡ଼** ଜିଲ୍ଲା ସଂସ୍କୃତିଭବନଠାରେ ଜିଲ୍ଲା ସାମାଜିକ ସୁରକ୍ଷା ବିଭାଗ ପକ୍ଷରୁ ଅନ୍ତର୍ଜାତୀୟ ଟ୍ରାନ୍ସଜେଣ୍ଡର ଦୃଶ୍ୟମାନତା ଦିବସ ପାଳିତ ହୋଇଯାଇଛି । ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ଶ୍ରୀନିବାସ ଜାନୀଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ରେବେକା ବିଲୁଙ୍ଗ ଯୋଗଦେଇ ଦିବସ ସମ୍ପର୍କରେ ବକ୍ତବ୍ୟ

ରଖିଥିଲେ। କାର୍ଯ୍ୟକ୍ରମରେ ଉପସ୍ଥିତ ଥିବା ତିନିଟି ବ୍ଲକ୍‌ର ଟ୍ରାନ୍ସଜେଣ୍ଡରମାନଙ୍କୁ ଅତିଥିମାନେ ଉପହାର ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ।

## ସୁଭଦ୍ରା ଶକ୍ତିମେଳା

**କେନ୍ଦ୍ରାପଡା** ସ୍ୱୟଂଶାସିତ ମହାବିଦ୍ୟାଳୟ ଖେଳପଡିଆରେ ଗତ ୨୪ ତାରିଖରୁ ଆରମ୍ଭ ହୋଇଥିବା ସୁଭଦ୍ରା ଶକ୍ତିମେଳା ଉଦ୍‌ଯାପିତ ହୋଇଯାଇଛି। ଜିଲ୍ଲା ପରିଷଦ ଅଧ୍ୟକ୍ଷା ଲିଲିତା ଦାସ ମୁଖ୍ୟଅତିଥି ଭାବେ ଯୋଗଦେଇ ସ୍ୱୟଂ ସହାୟକ ଗୋଷ୍ଠୀମାନଙ୍କ ଉଦ୍ୟମକୁ ପ୍ରଶଂସା କରିଥିଲେ। ମେଳାରେ ବିଭିନ୍ନ ବର୍ଗରେ ଉତ୍କୃଷ୍ଟ ପ୍ରଦର୍ଶନ ପାଇଁ ସ୍ୱୟଂସହାୟକ ଗୋଷ୍ଠିମାନଙ୍କୁ ସମ୍ମାନୀତ କରାଯାଇଥିଲା।

## ପାଣିପାଗ

କାଳବୈଶାଖୀର ପ୍ରଭାବରେ ରାଜ୍ୟରେ ଆଉ ଚାରିଦିନ ବର୍ଷା ଲାଗି ରହିବ ବୋଲି ଭୁବନେଶ୍ୱର ଆଂଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ଅନୁମାନ କରାଯାଇଛି। ଉତ୍ତର ଓଡ଼ିଶାର କିଛି ଜିଲ୍ଲାରେ ବଜ୍ରପାତ ସହିତ ବର୍ଷା ସମ୍ଭାବନା ରହିଛି। ଆଗାମୀ ୨୪ ଘଣ୍ଟା ମଧ୍ୟରେ ଝଡ଼ବର୍ଷା ନେଇ ମୟୂରଭଞ୍ଜ, ବାଲେଶ୍ୱର, ଭଦ୍ରକ ଓ କେନ୍ଦୁଝର ଜିଲ୍ଲାକୁ ପାଣିପାଗ କେନ୍ଦ୍ର ପକ୍ଷରୁ ସତର୍କ ସୂଚନା ଜାରି କରାଯାଇଛି।